ଧରିତ୍ରୀ
DHARITRI
ରାୟଗଡା, ସୋମବାର, ନଭେମ୍ବର୧୬, ୨୦୨୦



## ସଂକ୍ଷେପରେ

### ପାଗଳା କୁକୁର କାମୁଡ଼ାରେ ୫ ଗୁରୁତର

ପାପଡାହାଣ୍ଡି,୧୫।୧୧, (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମାଝିଗୁଡ଼ା ପଞ୍ଚାୟତ ସଦର ମହକୁମାରେ ରବିବାର ଏକ ପାଗଳା କୁକୁରକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। କୁକୁରଟିର ଆକ୍ରମଣରେ ୫ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳେ ଗ୍ରାମର ଜଗେନ୍ଦ୍ର ମାଝି, ମଲ୍ଲୀ ମାଝି, ଜାମ୍ବଗୁଡ଼ାର ଡିସ୍ପା ମାଝି, ବାବିଲି ମାଝି, ପାକଲି ମାଝିଙ୍କୁ କାମୁଡ଼ି କୁକୁର କାମୁଡ଼ିଥିଲା। ସେହିପରି ବାଟରେ ଯାଉଥିବା ୨ ବଳଦ ଏବଂ ୩ ଛେଳିଙ୍କୁ ମଧ କାମୁଡ଼ିଥିବା ଜଣାପଡ଼ିଛି। ସମସ୍ତ ଗୁରତରଙ୍କୁ ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡିସ୍ପା ଏବଂ ବାବିଲିଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ତେବେ ପାଗଳ କୁକୁରଟିକୁ କାବୁ କରାଯାଇ ପାରି ନ ଥିବା ଜଣାପଡ଼ିଛି।

### ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଦିବସ

ଉମରକୋଟ,୧୫।୧୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ତୋହରା ପଞ୍ଚାୟତସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ପୂର୍ବତନ ସରପଞ୍ଚ ରାଇସିଂ ମାଝି, ସରପଞ୍ଚ ପ୍ରମିଳା ଦୁରୁଆ, ଆଇସିଡିଏସ୍ ପରିଦର୍ଶିକା ସରିତା ଜେନା, ଯାଞ୍ଚ କମିଟି ସଦସ୍ୟ, ଏସ୍ଏଚ୍‌ଜି ସଦସ୍ୟ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଇଲାରାଣି ହାଲଦାର ଓ ରାଜମଣି ଗଣ୍ଡ ଯୋଗ ଦେଇଥିଲେ। ସାମାଜିକ ଦୂରତା ରକ୍ଷାକରି ଶିଶୁ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ପିଲାମାନଙ୍କୁ ନୂତନ ପୋଷାକ ଏବଂ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପିଲାମାନଙ୍କୁ ଏଠାରେ କୋରନା ବିଷୟରେ ସଚେତନ କରାଯାଇଥିଲା।

### ରାୟଗଡ଼ା: ୮୯କୁ ଖସିଲେ ସକ୍ରିୟ ସଂକ୍ରମିତ

ରାୟଗଡ଼ା ଅଫିସ,୧୫।୧୧- ରାୟଗଡ଼ା ଜିଲାରୁ ରବିବାର ପୁଣି ୫ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଜିଲାର କାଶୀପୁର ବ୍ଲକ୍‌ରୁ ୩ ଏବଂ ରାୟଗଡ଼ା ସହରାଞ୍ଚଳରୁ ୨ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୮୨୨୧ରେ ପହଞ୍ଚିଛି। ସେଥିମଧ୍ୟରୁ ୮୦୯୦ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୪୨ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବାବେଳେ ଜିଲାରେ ଆଉ ୮୯ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ସୂଚନା ମିଳିଛି। ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା କମୁଥିବାରୁ ଜିଲାବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଦିନକ ପାଇଁ ଜିଲାରୁ ଜଣେ ମଧ ପଜିଟିଭ ଚିହ୍ନଟ ହୋଇ ନ ଥିବାବେଳେ ଶନିବାର ୬ ସଂକ୍ରମିତ ଚିହ୍ନଟ ହୋଇଥିଲେ।

### ୨୬ରେ ଦେଶବ୍ୟାପୀ ଧର୍ମଘଟ ନେଇ ପ୍ରସ୍ତୁତି ବୈଠକ

ଜୟପୁର,୧୫।୧୧ (ଡି.ଏନ.ଏ)- କୋରାପୁଟ ଜିଲା ଜୟପୁରସ୍ଥିତ ଶ୍ରମିକ ଭବନଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନକୁ ନେଇ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୨୬ରେ ଦେଶବ୍ୟାପୀ ଧର୍ମଘଟକୁ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇଟିୟୁସିର ପ୍ରମୋଦ ମହାନ୍ତି, ଏଆଇଟିୟୁସିର କାହ୍ନୁ ବିଶ୍ୱାଳ, ସିଟୁର ଲକ୍ଷ୍ମଣ ମିଶ୍ର, ଆଇଏନଟିୟୁସି ଧୀରେନ୍ଦ୍ର ମହାନ୍ତି, ଏଆଇଟିୟୁସିର ଶମ୍ଭୁ ମହାନ୍ତି, କୃଷକ ନେତା ନରେନ୍ଦ୍ର ପ୍ରଧାନ, ସୁବାସ ଭଟ୍ଟାଚାର୍ଯ୍ୟ, ଯୁଧିଷ୍ଠିର ରାଉଳ, ଭଗବାନ ବାହିନୀପତି, ସୂର୍ଯ୍ୟ ନାରାୟଣ ବିଶୋୟୀ, ରାଜେନ୍ଦ୍ର ସାହୁ, ଭାଗୀରଥି ରେଡ୍ଡି, ଅରୁଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

### କୋରାପୁଟରୁ ୧୨ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୫।୧୧(ସ୍ୱ.ପ୍ର.)- କୋରାପୁଟ ଜିଲାରେ ରବିବାର ୧୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭ ୬୨୬କୁ ବୃଦ୍ଧି ପାଇଛି। ଚିହ୍ନଟଙ୍କ ମଧରେ କୋରାପୁଟ ପୌରାଞ୍ଚଳରୁ ଜଣେ ଓ ସୁନାବେଡା ପୌରାଞ୍ଚଳରୁ ୨, ଜୟପୁର ବ୍ଲକରୁ ୨, ବୈପାରିଗୁଡା ବ୍ଲକରୁ ୨, ବୋରିଗୁମ୍ମା ବ୍ଲକରୁ ଜଣେ, କୋଟପାଡ ବ୍ଲକରୁ ଜଣେ, ଦଶମନ୍ତପୁର ବ୍ଲକରୁ ୩ ଜଣ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

# ପ୍ରଶାସନର ନୀରବତା ଆନ୍ଧ୍ରକୁ ଦେଉଛି ଫାଇଦା

ପଟ୍ଟାଙ୍ଗୀ,୧୫।୧୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ସମ୍ପାଇ ପଞ୍ଚାୟତର ଆନ୍ଧ୍ର ରାଜ୍ୟ ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁନି। ସମ୍ପାଇ ପଞ୍ଚାୟତ ର ସୁନାବେଡା ଗ୍ରାମକୁ ଲାଗି ରହିଥିବା ଆନ୍ଧ୍ରର ବିଶାଖାପାଟଣା ଜିଲାକୁ ରବିବାର ଆରକୁ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଡୁମୁରିଗୁଡା ବ୍ଲକର ଡେକାପାର , ବଡଲାମ୍ବ ଓ ନିଟାଆମ୍ବ ଗ୍ରାମକୁ ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଡେକାପାର ଓ ନିଟାଆମ୍ବ ଦୁଇ ଗ୍ରାମ ଓଡ଼ିଶା ଭିତରେ ରହିଛି। ଗ୍ରାମବାସୀ ନିଜ ଦାବିରୁ ପଛଘୁଞ୍ଚା ନ ଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ବିଟ୍ଟୁଗାଣ୍ଡା, କଲାପୁଟ, ଡେକାପାର, ବଡଲାମ୍ବ ଓ ନିତମ୍ପା ପ୍ରମୁଖ ଗ୍ରାମବାସୀଙ୍କ ଚାଷଜମି ନେଇ ଲାଗି ରହିଥିବା ବିବାଦ ସମାଧାନ ନେଇ କୋରାପୁଟ ଜିଲା ପ୍ରଶାସନ କୌଣସି ସହଯୋଗ କରୁ ନ ଥିବା



ଗ୍ରାମବାସୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ଆନ୍ଧ୍ର ରାଜ୍ୟ ସୀମାନ୍ତରେ ଥିଲେ ମଧ ଉକ୍ତ କାର୍ଯ୍ୟାଳୟରେ ଏକବର୍ଷ ହେଲା ତହସିଲଦାର ପଦବୀ ଖାଲିପଡିଛି। ଏହାର ଫାଇଦା ନେଇ ଆନ୍ଧ୍ର ଓଡିଶା ସୀମାନ୍ତକୁ ପଶିବାକୁ ଉଦ୍ୟମ କରୁଛି। ଏନେଇ ତହସିଲ କାର୍ଯ୍ୟାଳୟ ରେଭିନ୍ୟୁ ସୁପ୍ରଭାଇଜର ରଘୁନାଥ ଖଟେଇଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାପାଳ ସମ୍ପାଇ ପଞ୍ଚାୟତର ସୁନାବେଡା ଗ୍ରାମ ସହ ଆନ୍ଧ୍ରର ଲାଗିରହିଥିବା ବିବାଦ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ଶୁକ୍ରବାର ଦେଇଥିବା କହିଥିଲେ ।

# ପୂର୍ବତନ ସରପଞ୍ଚଙ୍କୁ ଉଠାଇନେଲା ଛତିଶଗଡ଼ ପୋଲିସ

ଜୟପୁର,୧୫। ୧୧ (ଡି.ଏନ.ଏ.)–

କୋରାପୁଟ ଜିଲା ବୈପାରୀଗୁଡା ଥାନା ଜି. ମାଝିଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକଦେବ ନାୟକ(୩୫)ଙ୍କୁ ଶୁକ୍ରବାର ଅପରାହ୍ଣରେ କେତେକ ବ୍ୟକ୍ତି ଜୟପୁର ଦୈନିକ ବଜାର ନିକଟରୁ ଉଠାଇ ନେଇଛନ୍ତି। ତାଙ୍କୁ ଏକ ବଲେରୋରେ ଅପହରଣ କରାଯାଇଥିବା ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ସହରର ଛକଗୁଡିକର ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରିଛି । ଉଲଦାନଗୁଡା ନିବାସୀ ସୁକଦେବଙ୍କୁ ଉଦ୍ଧାର କରିବାକୁ ସ୍ତ୍ରୀ ସମ୍ପାରି ନାୟକ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏଥିନେଇ ପୂର୍ବତନ ସରପଞ୍ଚଙ୍କ ବଡଭାଇ ପର୍ଶୁରାମ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦୀପାବଳି ପାଳନ ଲାଗି ପୂର୍ବତନ ସରପଞ୍ଚ ନାୟକ ଜୟପୁର ଦୈନିକ ବଜାରକୁ ସାମଗ୍ରୀ କ୍ରୟ କରିବାକୁ ବାଇକ୍ (ଓଆର ୧୦କେ–୦୫୫୯)ଧରି ଆସିଥିଲେ । ଜିନିଷପତ୍ର ନେବାପାଇଁ ଅନ୍ୟଏକ ଗ୍ରାମର ଅଟୋକୁ ଭଡାରେ ଆଣିଥିଲେ । ଅପରାହ୍ଣରେ ଉକ୍ତ ଅଟୋ କୌଣସି ସାମଗ୍ରୀ ନ ନେଇ ଚାଲିଯାଇଥିଲା । ପୂର୍ବତନ ସରପଞ୍ଚ

**ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଅଭିଯୋଗ**



ନାୟକ ଘରକୁ ଫେରି ନ ଥିଲେ । ଫଳରେ ପରିବାର ଏବଂ ଗ୍ରାମବାସୀ ଜୟପୁରରେ ପହଞ୍ଚି ବଜାରରେ ବିଭିନ୍ନ ଦୋକାନର ଲୋକଙ୍କୁ ପଚରାଉଚରା କରିଥିଲେ । ୪ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତ ଘୋଷାଡି ଘୋଷାଡି ନେଇଥିବା ଜାଣିବାରୁ ଜାଣି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ବାଇକ୍ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ନିକଟରୁ ଉଦ୍ଧାର କରାଯାଇଛି। ପୋଲିସ ବିଭିନ୍ନ ବିଷୟକୁ ନେଇ ତଦନ୍ତ କରୁଛି । ତେବେ ଏକ ଗଞ୍ଜେଇ ଚାଲାଣ ଲିଙ୍କରେ ତାଙ୍କୁ ଛତିଶଗଡ ପୋଲିସ ଉଠାଇ ନେଇଥିବା ଜଣାପଡିଛି।

# ଅସହାୟ ବୃଦ୍ଧା ମା' ନ୍ୟାୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଲେ

କାଲିମେଳା,୧୩।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ପୁଶୁଗୁଡା ପଞ୍ଚାୟତର ଏମ୍‌ପିଭି–୧୩୧ ଗ୍ରାମର ଜଣେ ୭୦ ବର୍ଷର ମହିଳା ଅସହାୟ ଅବସ୍ଥାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସୁଥିବା ଦେଖିବାକୁ ମିଳୁଛି। ତାଙ୍କ ନାମ ପାର୍ବତୀ ଦାସ। ତାଙ୍କ ଝିଅପୁଅମାନେ ଦିଲ୍ଲୀରେ ରହୁଛନ୍ତି। ମା' ପାର୍ବତୀଙ୍କ କଥା କେହି ବୁଝୁ ନ ଥିବାରୁ ସେ ନ୍ୟାୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ଆସି ପହଞ୍ଚିଛନ୍ତି। ଏମପିଭି–୧୩୧ ଗ୍ରାମର ପାର୍ବତୀଙ୍କ ସ୍ୱାମୀ ଜନାର୍ଦ୍ଦନ ଦୀର୍ଘବର୍ଷ ହେଲା ମୃତ୍ୟୁବରଣ କଲେଣି। ବହୁ କଷ୍ଟରେ ସେ ଝିଅ ଅଞ୍ଜଳି ଓ ପୁଅ ଖୁକନଙ୍କୁ ପାଠ ପଢାଇ ମଣିଷ କରିଥିଲେ। ମାତ୍ର



ଅସହାୟ ଅବସ୍ଥାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ପାର୍ବତୀ।

ସେମାନେ ଦିଲ୍ଲୀରେ ଚାକିରି କରିବା ପରେ ଆଉ ପର୍ବତୀଙ୍କୁ ପଚାରୁନାହାନ୍ତି। ଗ୍ରାମରେ ପାର୍ବତୀ ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ତଙ୍କ ବାମ ହାତଟି

**ପିଲାମାନେ ରହୁଛନ୍ତି ଦିଲ୍ଲୀରେ**

ଅକାମି ହୋଇପଡିବାରୁ ସେ କାମ କରି ଚଳିବା କଷ୍ଟକର ହେଉଛି। ଗ୍ରାମରେ କିଏ କେତେବେଳେ କିଛି ଖାଇବାକୁ ଦେଲା ତ' ପାର୍ବତୀ ଖାଉଛନ୍ତି ନ ହେଲେ ନହିଁ। ବିଡିଓଙ୍କୁ ନିଜ ଦୁଃଖ ଜଣାଇବାକୁ ଗ୍ରାମରୁ ଚାଲି ଆସିଥିବା ପାର୍ବତୀଙ୍କୁ ପଡିଆ ବ୍ଲକ ପ୍ରଶାସନ ପକ୍ଷରୁ ବାର୍ଦ୍ଧକ୍ୟ ଓ ବିଧବ ଭତ୍ତା ପାଇଁ କାର୍ଡ ମିଳିଛି। ମାତ୍ର ୨୦୧୫ ଜୁଲାଇରୁ ତାଙ୍କୁ ଭତ୍ତା ମିଳି ନ ଥିବା ତାଙ୍କ ନିକଟରେ ଥିବା କାର୍ଡରୁ ଜଣାପଡିଛି। ତାଙ୍କୁ ବ୍ଲକ ପ୍ରଶାସନ ନ୍ୟାୟ ଦେବାକୁ ଦାବି ହେଉଛି।

### ବାଣ ବିକ୍ରି,ଫୁଟାଇବା ଉପରେ କଟକଣାକୁ ସହରରେ ଫୁ

ଜୟପୁର,୧୫।୧୧ (ଡି.ଏନ.ଏ)

ରାଜ୍ୟ ସରକାରଙ୍କ ପକ୍ଷରୁ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଜାରି କରାଯାଇଥିଲା । ଏନେଇ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ପ୍ରଶାସନ ପକ୍ଷରୁ କୌଣସି ବାଣ ଦୋକାନୀଙ୍କୁ ଅସ୍ଥାୟୀ ଅନୁମତି ମିଳି ନ ଥିଲା। ଶନିବାର ଦୀପାବଳିରେ ଜୟପୁର ସହରରେ ଯେପରି ବାଣ ସବୁ ଫୁଟାହୋଇଥିଲା ଏଥିଯୋଗୁ ପ୍ରଶାସନର କୌଣସି କଟକଣା କାମ କରି ନ ଥିଲା। ବାଣ ବିକ୍ରେତାମାନେ ଲୁଚା ଚୋରାରେ ବାଣ ବିକ୍ରି କରିଥିଲେ । ଏନେଇ ପ୍ରଶାସନ କୌଣସି ସୂଚନା ମଧ ପାଇନଥିଲା। ଶନିବାର ସନ୍ଧ୍ୟା ୭ ରୁ ରାତି ୧୦ ପର୍ଯ୍ୟନ୍ତ ବାଣ ଶବ୍ଦରେ ସାରା ସହର ପ୍ରକମ୍ପିତ ହୋଇଥିଲା ।

# ଅନାଥ ଶିଶୁଙ୍କ ମଧରେ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା



ଶିଶୁଙ୍କୁ ନେଇ ଚାଲିଥିବା ପ୍ରତିଯୋଗିତ।

ମାଲକାନଗିରି,୧୫।୧୧ (ଡି.ଏନ୍.ଏ.)

ଶିଶୁ ଦିବସ ଉପଲକ୍ଷେ ମାଲକାନଗିରି ସଦର ମହକୁମାସ୍ଥିତ ଶିଶୁ ଗୃହରେ ଅନାଥ ପିଲାମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଯାଇଛି। ଶିଶୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ, ଆଇନଗତ ବ୍ୟବସ୍ଥା, ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ସଚେତନତା ରଥକୁ ଶିଶୁ କଲ୍ୟାଣ କମିଟିର ଅଧକ୍ଷ ଅଶୋକ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗୀତ, ନାଚ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର ଓ ପୁଚି ଖେଳରେ କୃତିତ୍ୱ ଅର୍ଜନ କରିଥିବା ଅନାଥ ଶିଶୁମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁ ଗୃହର ପୁଷ୍ପାଞ୍ଜଳି ଜାଲି, ସୋମ୍ୟ ସ୍ୱାଇଁ, ଋଷିକେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବର୍ତ୍ତନ ସଂସ୍ଥାର ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



କୋରାପୁଟ ଜିଲା ଦାମନଯୋଡିରେ ମାଥାଲପୁଟ ପୂଜାମଣ୍ଡପ ଓ ସେକ୍ଟର–୧ ପୂଜାମଣ୍ଡପରେ ଶ୍ୟାମାକାଳୀଙ୍କ ପୂଜା ।

### ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଶିଶୁଦିବସ ପାଳିତ

ଦାମନଯୋଡି, ୧୫।୧୧ (ଡି.ଏନ.ଏ.)

ନାଲକୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଓ ଶିଶୁଦିବସ ଶନିବାର ପାଳିତ ହୋଇଯାଇଛି। ସେକ୍ଟର–୨ସ୍ଥିତ ନେହେରୁ ପାର୍କଠାରେ ଥିବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଜିଏମ୍ ଶଶଙ୍କ ଶେଖର ସାହୁ,କମ୍ୟୁନିଟି ସେଣ୍ଟର ସଭାପତି ରବୀନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ଶୁକଦେବ ପଟାୟତ, ରଣଜିତ୍ ନାୟକ, ଶ୍ରୀଧର ପରିଡା, ମନୋରଞ୍ଜନ ରଥ, ସଞ୍ଜୟ କୁମାର ସାହୁ, ଗୌତମ ବିଷୋୟୀ, ଅକ୍ଷୟ କୁମାର ଜେନା,ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର କୋରାପୁଟ ବ୍ଲକ ଶାଖା କମିଟି

ଦାମନଯୋଡି,୧୫।୧୧(ଡି.ଏନ.ଏ.)

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର କୋରାପୁଟ ବ୍ଲକ ଶାଖାର ନୂତନ କମିଟି ଗଠିତ ହୋଇ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଦାମନଯୋଡି ସେକ୍ଟର–୧ସ୍ଥିତ ଏକତାଭବନରେ ହୋଇଥିବା ଏହି କାର୍ଯ୍ୟକ୍ରମ କୋଭିଡ କଟକଣା ମଧ୍ୟରେ ହୋଇଥିଲା। ସଭାପତି ରୂପେ ପ୍ରଶାନ୍ତ ମହାରଣା, ସୁକାନ୍ତ ମହାରଣା ଉପସଭାପତି, ରଜନୀକାନ୍ତ ଓଝା ସମ୍ପାଦକ, ଉଦୟନାଥ ମହାରଣା ସହସମ୍ପାଦକ ଏବଂ ପ୍ରମୋଦ କୁମାର ମହାରଣା କୋଷାଧକ୍ଷ ରୂପେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ରୂପେ ପ୍ରମୋଦ ମହରଣା, ସନ୍ଦୀପ ମହାରଣା,ରାଜେନ୍ଦ୍ର ମହାରଣା, ଶୀତେନ୍ଦୁ ମହାରଣା, ବୃନ୍ଦାବନ ମହରଣା ଓ କାହ୍ନୁଚରଣ ମହାରଣାଙ୍କୁ ଦାୟିତ୍ୱ ମିଳିଛି। ପୂର୍ବତନ ସମ୍ପାଦକ ରାଧାକୃଷ୍ଣ ମହାରଣା ଓ ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ନାଥ ମହାରଣାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭାର ସହ ସାଧରଣ ସମ୍ପାଦକ ମନୋରଞ୍ଜନ ମହରାଣା ଓ ପ୍ରମୋଦ ମହାରଣ ପରିଚାଳନା କରିଥିଲେ।

# ନବରଙ୍ଗପୁର ଜିଲାରୁ ୫ ଗିରଫ

ଝରିଗାଁ,୧୫।୧୧(ସ୍ୱ.ପ୍ର.)–

ବଲାଙ୍ଗୀର ଜିଲା ପାଟଣାଗଡ଼ ସହରପଡ଼ାଠାରେ ବୁଧବାର ଗୋଟିଏ ପରିବାରର ୬ଜଣଙ୍କୁ ହତ୍ୟା ଘଟଣାରେ ପୋଲିସ ଶନିବାର ନବରଙ୍ଗପୁର ଜିଲାରୁ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳରୁ ୪ଜଣଙ୍କୁ ଏବଂ ସିଙ୍ଗସାରୀ ଥାନା ଅଞ୍ଚଳରୁ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ନବରଙ୍ଗପୁର ପୋଲିସ ସେମାନଙ୍କୁ ଗିରଫ କରି ପାଟଣାଗଡ଼ ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତଙ୍କୁ ହସ୍ତାନ୍ତର କରିଥିବା ଝରିଗାଁ ଥାନାଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ବୁଧବାର ପାଟଣାଗଡ଼ସ୍ଥିତ ବିଲୁ ଜାନୀ(୫୦) ଏବଂ ସ୍ତ୍ରୀ ଜ୍ୟୋତି(୪୮)ଙ୍କ ସମେତ ଦୁଇ ଝିଅ ସରିତା(୧୨), ଶ୍ରୀୟା(୩) ଏବଂ ଦୁଇ ପୁଅ ଭୀଷ୍ମ(୫) ଏବଂ ସଞ୍ଜୀବ(୨)ଙ୍କୁ ଟାଙ୍ଗିଆରେ ହାଣି ଅତି ନିର୍ମମଭାବେ ହତ୍ୟା କରାଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ କେସ୍ ନଂ. ୨୪୫/୨୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

**ପାଟଣାଗଡ଼ ପରିବାରର ୬ଜଣଙ୍କୁ ହତ୍ୟା ମାମଲା**

# କରୋନା ସଚେତନତା ଶୋଭାଯାତ୍ରା

ଜୟପୁର, ୧୫।୧୧ (ନି ପ୍ର)

ଜୟପୁର ପାର୍କ ଲାଇନରେ ଥିବା କାଳୀ କୃଷ୍ଣ ସଂଘ ପକ୍ଷରୁ କରୋନା ସଚେତନତା ନେଇ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ସଦସ୍ୟମାନେ ସଚେତନତା ପ୍ଲା କାର୍ଡ ଧରି ନିକଟସ୍ଥ ବସ୍ତିକୁ ଯାଇ ଚଚେତନ କରିଥିଲେ । ଏହି ଶୋଭାଯାତ୍ରାକୁ ଦେବେନ୍ଦ୍ର ଅଧିକାରୀ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୫୦ ହଜାର ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଥିଲା। ଏହି ଅନୁଷ୍ଠାନ ଗତ ୩୬ ବର୍ଷ ଧରି ଆଧାତ୍ମିକତାର ଜାଗରଣ ସହ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ଅନାଥ ଶିଶୁ ତଥା ବୃଦ୍ଧାଶ୍ରମକୁ ସହଯୋଗ କରିଆସୁଛି।




ସହରରେ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

# ରାସ୍ତା ନିର୍ମାଣ କରୁନି ବିଭାଗ, ଲୋକେ ହଇରାଣ

କୁନ୍ଦୁରା,୧୫।୧୧(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁସୀ ଛକଠାରୁ ଫୁଫୁଗାଁ ରାସ୍ତା ୨୦୦୮ରେ ନିର୍ମାଣ ହୋଇଥିଲା। ଏହି ରାସ୍ତାର ରକ୍ଷଣାବେକ୍ଷଣା କରାଯାଉ ନ ଥିବା ଗତ ୨୭।୨।୨୦ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ସେହିପରି ଡଙ୍ଗରପାଉଁସୀଠାରୁ ବେଡା ପାଉଁସୀ ଏବଂ ଜିରାଗୁଡା ରାସ୍ତା ନିର୍ମାଣ ହେବାର ୧ ବର୍ଷ ମଧ୍ୟରେ ଖରାପ ହୋଇଯାଇଥିଲା। ଜିରାଗୁଡା ରାସ୍ତା ଖରାପ ନେଇ ଖବର ପ୍ରକାଶ ପରେ ବିଭାଗ ତତ୍ପରତା ପ୍ରକାଶ କରି ତିଆରି କରିଥିଲା। ମାତ୍ର ଡଙ୍ଗରପାଉଁସୀ ଛକଠାରୁ ଯୁବାପାତ୍ରପୁଟ,କରଣଗୁଡା, ଶୁଣ୍ଡିଗୁଡା ସହ ଫୁଫୁଗାଁ ପଞ୍ଚାୟତ ସଦର ମହକୁମାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିଲେ ମଧ ଏହାକୁ ନିର୍ମାଣ କରାଯାଉନାହିଁ। ଏହି ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୩/୪ଟି ପଞ୍ଚାୟତବାସୀ ନିର୍ଭର କରୁଥିବା ଉକ୍ତ ରାସ୍ତା କୋଟପାଡ ଓ ବୋରିଗୁମ୍ମା ବ୍ଲକବାସୀଙ୍କ ପାଇଁ ବୈପାରିଗୁଡା ଓ ମାଲକାନଗିରି ଯିବାକୁ ସିଧାରାସ୍ତା ହୋଇଥିବା ବେଳେ ଲୋକେ ଅଧିକ ୧୪ କିମି କୁନ୍ଦରା ଦେଇ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସ୍ୱୟମ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ରାସ୍ତା ପାଇଁ ଟେଣ୍ଡର ସରିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।



ବିଭାଗ ମରାମତି କରୁ ନ ଥିବା ରାସ୍ତା ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ମାଲକାନଗିରି, (ଡି.ଏନ୍.ଏ.):ମାଲକାନଗିରି ସଦର ମହକୁମା ମାହେଶ୍ୱରୀ ଯୁବ ସଙ୍ଗଠନ ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛି। ଜିଲାର ସିନ୍ଧିମାଳ ପଞ୍ଚାୟତ ସୋରିଷମାଳ ଗ୍ରାମର ଶହୀଦ ଯବାନ ଜୟରାମ କବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ପିରବାରକୁ ଭେଟି ପାଳନ କରିଛି। ସେମାନଙ୍କ ପିଲାଙ୍କୁ ସଙ୍ଗଠନ ପକ୍ଷରୁ ନୂତନ ପୋଷାକ ବଣ୍ଟନ କରାଯାଇଛି। ସେହିପରି ଏମ୍‌ଭି- ୨୮ ଗ୍ରାମର ଯୁବକ ସଂଘ ସଦସ୍ୟମାନେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ନୀରବ ପ୍ରାର୍ଥନା କରିଥିଲେ। ସଙ୍ଗଠନ ସଭାପତି ବିନୋଦ ଟାବାରି, ଅଶୋକ ମିଶ୍ର ଏହାକୁ ପରିଚାଳନା କରିଥିଲେ।

# ୧୭ଶହ ବଣ୍ଡା, ଡିଡାଇ ଜନଜାତି ହିତାଧିକାରୀଙ୍କୁ ଗୃହ

ମାଲକାନଗିରି,୧୫।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳରେ ଗମନାଗମନର ସୁବିଧା ନ ଥିଲା ବେଳେ ସେସବୁ ଅଞ୍ଚଳର ଲୋକମାନେ ଜଳଭଣ୍ଡାରରେ ଡଙ୍ଗାର ସହାୟତା ନେଇ ଚଳିଥାନ୍ତି। ଏପରିକି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ସାମଗ୍ରୀ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଗୃହ ଯୋଜନାରେ ଗୃହ ନିର୍ମାଣ ଲାଗି ଉପକରଣ ପହଞ୍ଚାଇବାରେ ଅସୁବିଧା ହେଉଥିଲା । ଫଳରେ ବଣ୍ଡା, ଡିଡାଇ ଜନଜାତି ର ଲୋକେ ଛୋଟଛୋଟ କୁଡିଆ କରି ଜୀବନ ବିତାଉଥିଲେ। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ପାହାଡ ତଳେ ରହୁଥିବା ଗ୍ରାମଗୁଡିକରେ ଏହି ଯୋଜନାରେ ଘର ନିର୍ମାଣ କରିବାକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହଯୋଗ କରିଥିଲା। ୪୫୫୭ ଗୃହରୁ ୧୭ଶହ ଗୃହ ନିର୍ମାଣ କରି ଦୀପାବଳିରେ ଏହାକୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ଗୃହଗୁଡିକ ପାଇଁ ଆଜବେଷ୍ଟସ, ସିମେଣ୍ଟ, ଇଟା ଏବଂ ବାଲି ଘୋଡା ଓ ଲୋକଙ୍କ ସହାୟତାରେ ପାହାଡ ଉପରକୁ ନିଆଯାଇ ଖୁବଶୀଘ୍ର ସେମାନଙ୍କୁ ନୂତନ ବାସଗୃହ ପ୍ରଦାନ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ କହିଛନ୍ତି।



ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଗୃହ।

## ସଂକ୍ଷେପରେ

### ନିଖୋଜ ପରେ ଯୁବତୀଙ୍କ ମୃତଦେହ ଉଦ୍ଧାର

ବୈପାରୀଗୁଡା,୧୫।୧୧ (ଡି.ଏନ୍.ଏ.)- କୋରାପୁଟ ଜିଲା ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପଡା ପଞ୍ଚାୟତ ତଲିଆଗୁଡା ଗ୍ରାମରେ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଉଦ୍ଧାର କରି ରବିବାର ବ୍ୟବଚ୍ଛେଦ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉକ୍ତ ଗ୍ରାମର ଫୁଲମତି କମାର (୨୦) ୧୨ ତାରିଖରୁ ଘରେ କିଛି ନ କହି କୁଆଡେ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ୧୪ ତାରିଖ ଦିନ ଘର ଠାର ମାତ୍ର ୫ ଶହ ମିଟର ଦୂରରେ ଥିବା କରଲା କୁପଲିଠାରେ ଏକ ଆମ୍ବ ଗଛ ଡାଳରେ ଫୁଲମତୀଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏ ସମ୍ପର୍କରେ ଫୁଲମତୀଙ୍କ ମା' ଡମଣି କମାର ଥାନାରେ ଏତଲା ଦେଇଥିଲେ । ଘଟଣା ସମ୍ପର୍କରେ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଏକ ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି । ତେବେ ଏକ ମାମଲା ରୁଜୁ ହୋଇ ଏହାର ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

### ଦକ୍ଷିଣକାଳୀଙ୍କ ପୂଜା ଆରମ୍ଭ



ଗୁଣପୁର,୧୫।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁରଠାରେ ଶନିବାର ଠାରୁ ମା' ଦକ୍ଷିଣ କାଳୀଙ୍କ ପୂଜା ଆରମ୍ଭ ହୋଇଛି। ମଧ୍ୟ ରାତ୍ରିରେ ସହରସ୍ଥିତ ଦକ୍ଷୀଣ କାଳୀଙ୍କ ମନ୍ଦିରରୁ ମା'ଙ୍କୁ ଆବାହାନ କରି ମଣ୍ଡପକୁ ନିଆଯାଇଥିଲା। ସେଠାରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ମଣ୍ଡପରେ ମା' ସପ୍ତାହ ଧରି ପୂଜା ପାଇବେ। କର୍ତ୍ତାଭାବେ ପ୍ରଭାତ ମହାପାତ୍ର ରହିଛନ୍ତି। ସେହିପରି ପୂଜକ ଭାବେ ନବୀନ ରଥ, ପ୍ରକାଶ ରଥ ଏବଂ କାଶୀ ବିଶ୍ୱନାଥ ମିଶ୍ର ପୂଜା କାର୍ଯ୍ୟ କରୁଛନ୍ତି।

### ମନେପଡ଼ିଲେ ବୀର ବିର୍ସା ମୁଣ୍ଡା



ଗୁଣପୁର,୧୫।୧୧(ଡି.ଏନ୍.ଏ.) ରାୟଗଡ଼ା ଜିଲା ଗୁଣପୁରଠାରେ ବିଭିନ୍ନ ସ୍ଥାନରେ ରବିବାର ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାଜପାର ନଗର ସଭାପତି ଶ୍ରୀନିବାସ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ୱାଇ. ଗଣପତି, ଗୋପାଳ କୃଷ୍ଣ ଦେଓପାତ୍ର, ଭଗବାନ ଚୌଧୁରୀ, ସୁରେନ୍ଦ୍ର ମହାନ୍ତି, ଫାଲଗୁନି ଶବର ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ଅବଦାନକୁ ମନେ ପକାଇଥିଲେ। ସେହିପରି ଜଲତାର ପଞ୍ଚାୟତ ଲଙ୍ଗରତାଲ ଗ୍ରାମରେ ଆଦିବାସୀ ଅଧିକାର ବିକାଶ ମଞ୍ଚ ଏବଂ ସିପିଆଇଏମ୍‌ଏଲ୍ ପକ୍ଷରୁ ପାରମ୍ପରିକ ନୃତ୍ୟ ସଙ୍ଗୀତ ମାଧ୍ୟମରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚର ଅନାସିମ ଶବର ଏବଂ ସିପିଆଇଏମ୍‌ଏଲ୍‌ର ତ୍ରିପତି ଗମାଙ୍ଗଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

# 'ଜିଜ୍ଞାସା ବୈଜ୍ଞାନିକ ହେବାରେ ସାହାଯ୍ୟ କରିଥାଏ'

ନବରଙ୍ଗପୁର,୧୫।୧୧(ବି.ପ୍ର.)

ବୈଜ୍ଞାନିକ ହେବାକୁ ହେଲେ ନିରନ୍ତର ପ୍ରୟାସ ଏବଂ ଜିଜ୍ଞାସା ରହିବା ଆବଶ୍ୟକ। କ୍ୟାରିୟର ପରାମର୍ଶ ସମ୍ପର୍କିତ ଅନ୍‌ଲାଇନ୍ କାର୍ଯ୍ୟକ୍ରମ 'ମୁଁ ବି ସମର୍ଥ'ର ଏକାଦଶ ଅଧ୍ୟାୟ କାର୍ଯ୍ୟକ୍ରମରେ ଯୋଗଦେଇ ସିଏସ୍‌ଆଇଆର୍-ଆଇଏମଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ତଥା ବିଶିଷ୍ଟ ଖଣିଜ ପଦାର୍ଥ ବିଜ୍ଞାନୀ ସୁରେନ୍ଦ୍ର କୁମାର ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଭୂତତ୍ତ୍ୱ ବିଜ୍ଞାନରେ କ୍ୟାରିୟର ଗଠନର ବିଭିନ୍ନ ଦିଗ ବିଷୟରେ ସେ ଏହି ଅବସରରେ ବୁଝାଇଥିଲେ। ପୃଥିବୀରୁ ଖଣିଜ ସମ୍ପଦ ଶେଷ ହେଉଥିବାରୁ ନିମ୍ନ ଶ୍ରେଣୀର ଖଣିଜ ଦ୍ରବ୍ୟର ବିନିଯୋଗ ଦ୍ୱାରା ଅନେକ କର୍ମ ସଂସ୍ଥାନ ମିଳିପାରିବ ବୋଲି ସେ କହିଛନ୍ତି। ନାଗପୁରସ୍ଥିତ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସର ଅଧିକାରୀ ଦିଲୀପ ରଞ୍ଜନ କାନୁନ୍‌ଗୋ ଯୋଗଦେଇ ଅଧ୍ୟାପନା, ଶିଳ୍ପ ଏବଂ ସରକାରୀ ସ୍ତରରେ ଭୂତତ୍ତ୍ୱ ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖଣିଜ ବିଜ୍ଞାନର ପାଠ୍ୟକ୍ରମ ରହିଛି। ସେହିଭଳି ଭୂତତ୍ତ୍ୱ ବିଜ୍ଞାନରେ ମଧ୍ୟ କର୍ମ ସଂସ୍ଥାନର ସୁଯୋଗ ରହିଥିବା ସେ କହିଛନ୍ତି। ସେହିଭଳି ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡି. ଏସ୍. ରାଓ ଯୋଗଦେଇ ଭୂତତ୍ତ୍ୱ ବିଜ୍ଞାନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସରକାରୀ ଗବେଷଣା ପ୍ରତିଷ୍ଠାନରେ ରହିଥିବା ଗବେଷଣାର ସୁଯୋଗ ବିଷୟରେ ବୁଝାଇଥିଲେ। କୋଲ୍‌କାତାସ୍ଥିତ ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ସୁପରିଣ୍ଟେଣ୍ଡେଣ୍ଟ ଜିଓଲୋଜିଷ୍ଟ ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇ କ୍ୟାରିୟର ସମ୍ପର୍କିତ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇପାରିବ ବୋଲି କହିଥିଲେ। ଏଥିସହ ଭୂତତ୍ତ୍ୱ ବିଜ୍ଞାନର ଆବଶ୍ୟକତା ଏବଂ ଚାହିଦା ବିଷୟରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ନାରାୟଣ ବକ୍ସି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ଅନ୍‌ଲାଇନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ବୈଜ୍ଞାନିକମାନେ ।

**ମୁଁ ବି ସମର୍ଥର ଏକାଦଶ ଅଧ୍ୟାୟ କାର୍ଯ୍ୟକ୍ରମ**

# ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୨ ଗିରଫ

ଚିତ୍ରକୋଣ୍ଡା, ୧୫।୧୧(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ପୋଲିସ ଶୁକ୍ରବାର ରାତିରେ ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶର ବାସିର ଅହମ୍ମଦ ଓ ବିହାରର ବିଶ୍ୱକର୍ମା କୁମାର। ପ୍ରକାଶ ଯେ, ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି-୧୪ ଗ୍ରାମ ନିକଟରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସ ଖବର ପାଇଥିଲା। ଚିତ୍ରକୋଣ୍ଡା ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଧଡ଼ପଗଡ କରୁଥିବା ବେଳେ ଆର୍‌ଏସ୍‌ସି-୧୪ ଗାଁ ପାଖରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଦେଖିଥିଲେ। ସେଠାରେ ଉପସ୍ଥିତ ଅଭିଯୁକ୍ତ ବାସିର ଓ ବିଶ୍ୱକର୍ମାଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୬ କୁଇଣ୍ଟାଲ ୨୧ କେ.ଜି. ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି।

# ବାଣ ନିଆଁରେ ଜଳିଗଲା ପାଳଗଦା: ଅଳ୍ପକେ ବର୍ତ୍ତିଲା ବସ୍ତି

ଚନ୍ଦାହାଣ୍ଡି,୧୫।୧୧(ଡି.ଏନ୍.ଏ.)-

ଦୀପାବଳିରେ ବାଣ ଫୁଟାଇବା ଓ ବିକ୍ରି ଉପରେ ସରକାର ରୋକ ଲଗାଇଥିଲେ। ହେଲେ ଗ୍ରାମାଞ୍ଚଳରେ ବ୍ୟବସାୟୀମାନେ ବେଧଡ଼କ ବାଣ ବିକ୍ରି କରୁଥିବା ନଜରକୁ ଆସିଥିଲା। ଶନିବାର ନରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଝାଲିଆପଡ଼ା ଗ୍ରାମରେ ପିଲାମାନେ ଦୋକାନରୁ ବାଣ କିଣି ଫୁଟାଇବା ସମୟରେ ନିକଟରେ ଥିବା ଘନଶ୍ୟାମ ଭୁଞ୍ଜିଆଙ୍କ ପାଳଗଦାରେ ନିଆଁ ଲାଗି ନଷ୍ଟ ହୋଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଭୁଞ୍ଜିଆ ବସ୍ତି ଅଳ୍ପକେ ବର୍ତ୍ତିଯାଇଥିଲା।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

## ୫ ଟଙ୍କିଆ କଏନ ଗିଳିଦେଇ ଶିଶୁ ଗୁରୁତର

ଦଶମନ୍ତପୁର,୧୫।୧୧ (ଡି.ଏନ୍.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର ଡକ୍ରିବେଡ଼ା ଗ୍ରାମ ବିଶୋଇ ସାହିରେ ଜଣେ ଶିଶୁ ୫ ଟଙ୍କିଆ କଏନ ଗିଳି ଦେଇ ଗୁରୁତର ହୋଇପଡିଥିବା ଜଣାପଡିଛି। ସେ ହେଉଛନ୍ତି ବୃନ୍ଦାବନ ବିଶୋୟୀଙ୍କ ପୁଅ ଅଶୋକ (୭)। ଶନିବାର ସନ୍ଧ୍ୟାରେ ପୁଅ ଦୁଷ୍ଟ ହେବାରୁ ମା' ନମିତା ତାଙ୍କୁ ୫ ଟଙ୍କିଆ କଏନଟିଏ ଦେଇଥିଲେ। ଏହାକୁ ଅଶୋକ ଗିଳି ଦେଇଥିଲେ। ଏହା ଜାଣିବା ପରେ ପୁଅକୁ ମା'ବାପା ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଶୋକଙ୍କୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ମନ୍ଦିର ଉନ୍ନତି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଉମରକୋଟ,୧୫।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପୌରାଞ୍ଚଳ ଅଧୀନ ୧୩ ନଂ ୱାର୍ଡ ଡିଏନ୍‌କେସ୍ଥିତ ହରିବୋଲ ମନ୍ଦିରର ଉନ୍ନତି ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ବିଧାୟକ ପାଣ୍ଠିରୁ ଟଙ୍କା ଅନୁମୋଦନ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ରମେଶ ସାହୁ, ସୁରେଶ ଆଚାର୍ଯ୍ୟ, କୁରୁମା ରାଓ, ସାନ ନାୟକ, ଦୁକାଲୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁମେହ, ଚକ୍ଷୁ ପରୀକ୍ଷା ଶିବିର

ମାଲକାନଗିରି,୧୫।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ରୋଟାରି କ୍ଲବ ପକ୍ଷରୁ ଜିଲା ସଦର ମହକୁମା ଡି.ଏନ୍.କେ. ମା' କାଳୀ ପୂଜା ମଣ୍ଡପ ପରିସରରେ ଏକ ମଧୁମେହ ଓ ରକ୍ତଚାପ ପରୀକ୍ଷା ଶିବିର ଜିଲା ମୁଖ୍ୟ ଦୌରା ଜଜ୍ ବିଶ୍ୱରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ବରିଷ୍ଠ ନାଗରିକମାନଙ୍କ ରକ୍ତଚାପ, ମଧୁମେହ ଏବଂ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୬୪ ଜଣ ମହିଳା ପୁରୁଷ ନିଜର ମଧୁମେହ, ରକ୍ତଚାପ ଓ ଚକ୍ଷୁ ପରୀକ୍ଷା କରାଇଥିଲେ। କ୍ଲବ ସଭାପତି ଜଗଦ୍ଦିଶ ତ୍ରିପାଠୀ, ସମ୍ପାଦକ ଜି. ଶ୍ୟାମବାବୁ ଦୋରା, ଲବ ସାହୁ, ସୁରେନ୍ଦ୍ର ପାଢୀ, ଏ. ଈଶ୍ୱର ରାଓ, ଲଛମନ ବିହାରୀ ସାମଲ, ମାଣିକଲାଲ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଧାୟକଙ୍କ କୁଟୁନିପାଲି, ଧୁଙ୍ଗିଆପୁଟ ପଞ୍ଚାୟତ ଗସ୍ତ

ଖଇରପୁଟ,୧୫।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ରବିବାର ମାଥିଲି ବ୍ଲକର କୁଟୁନିପାଲି ଓ ଧୁଙ୍ଗିଆପୁଟ ପଞ୍ଚାୟତ ଗସ୍ତ କରିଥିଲେ। ପ୍ରଥମେ ସେ କୁଟୁନିପାଲିରେ ହେଉଥିବା ଖେଳ ପଡିଆ କାର୍ଯ୍ୟ ଓ ଏମଜିଏନଆରଇଜିଏସରେ ହେଉଥିବା କାର୍ଯ୍ୟଗୁଡିକର ଅଗ୍ରଗତି ଦେଖିଥିଲେ। ଧୁଙ୍ଗିଆପୁଟ ପଞ୍ଚାୟତର ମର୍ଡନ ଡିଜିଟାଲ ସଭାଗୃହ ଓ ପିଇଓଙ୍କ କ୍ୱାଟର୍ସକୁ ଉଦ୍‌ଘାଟନ କରିଥିଲେ। ଧୁଙ୍ଗିଆପୁଟରେ ଏକ ଅଭିଯୋଗ ଶୁଣାଣି ସଭାରେ ଯୋଗ ଦେଇଥିଲେ। ଅନୁଷ୍ଠିତ ହେଉଥିବା ଫୁଟବଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୋକେ ପାନୀୟ ଜଳ, ବିଭିନ୍ନ ଭତ୍ତା, ଆବାସ ଗୃହ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ଯୁବ ନେତା ମହେଶ କୁମାର ବାକା, ଜଗନ୍ନାଥ ମାଝି ଉପସ୍ଥିତ ଥିଲେ। କରୋନା କଟକଣା ନିୟମ ମାନି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା।

# ସ୍ୱାଭିମାନ ଅଞ୍ଚଳରେ ବିଏସ୍‌ଏଫ୍ ଏଡିଜି

ଚିତ୍ରକୋଣ୍ଡା, ୧୫।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳକୁ ବିଏସ୍‌ଏଫ୍ ଏଡିଜି ଏସ୍.ଏଲ୍. ଥାଓସେଲ୍ ଶନିବାର ଗସ୍ତ କରିଛନ୍ତି। ମାଲକାନଗିରି ଏସ୍‌ପି ରିଷିକେଶ ଖିଲାରୀଙ୍କ ସହ ସେ ଗୋରାସେତୁ ବିଏସ୍‌ଏଫ୍ କ୍ୟାମ୍ପକୁ ଯାଇଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳର ସୁରକ୍ଷା ସହ ବିକାଶ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ପାଇଁ ଚାଲିଥିବା ରଣନୀତିର ସମୀକ୍ଷା କରିଥିଲେ। ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ମୋବାଇଲ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆସନ୍ତା ୧୭ରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିବେ। ରାଜ୍ୟ କ୍ରୀଡାମନ୍ତ୍ରୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଥିଲେ। ଏହାକୁ ନଜରରେ ରଖି ସ୍ୱାଭିମାନ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡ଼ି କରାଯାଉଛି।

# ସ୍ୱାଭିମାନ ଅଞ୍ଚଳରୁ ୧୦, ଉପାନ୍ତରୁ ୧୩ ପରିବାରକୁ ଘର



ଘର ପାଇଥିବା ହିତାଧିକାରୀ।

ଚିତ୍ରକୋଣ୍ଡା,୧୫।୧୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକର ୧୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଏବଂ ଗ୍ରାମୀଣ ବିଜୁ ପକ୍କା ଘର ଯୋଜନାରେ ହିତାଧିକାରୀଙ୍କୁ ଗୃହ ବଣ୍ଟନ ପରେ ୧୦ଟି ପରିବାରର ଗୃହ ପ୍ରବେଶ କରାଯାଇଛି। ବିଡିଓ ଲରିମନ ଖରସେଲଙ୍କ ସୂଚନା ଅନୁଯାୟୀ ସ୍ୱାଭିମାନ ଅଞ୍ଚଳର ଅଣ୍ଡିରାପାଲି ପଞ୍ଚାୟତରୁ ଗୋଟିଏ, ବଡ଼ପଡା ୨ଟି, ଧୂଳିପୁଟରୁ ୨ଟି, ଗାଜୁଲୁମାମୁଡିରୁ ଗୋଟିଏ, ଯନ୍ତ୍ରୀରୁ ୨ଟି, ଯୋଡ଼ାମ୍ବରୁ ଗୋଟିଏ, ପଣସପୁଟ ପଞ୍ଚାୟତରୁ ଗୋଟିଏ ପରିବାର ଗୃହ ପ୍ରବେଶ କରିଛନ୍ତି। ଚିତ୍ରକୋଣ୍ଡା ଉପାନ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ବଡପଦର ପଞ୍ଚାୟତରୁ ୪ଟି,ପାପୁଲୁରରୁ ୨ଟି, କୁରୁମାନୁରରୁ ଗୋଟିଏ, ନୂଆଗୁଡାରୁ ଗୋଟିଏ, ଦୋରାଗୁଡ଼ାରୁ ଗୋଟିଏ ଓ ଚିତ୍ରକୋଣ୍ଡା ପଞ୍ଚାୟତ ରୁ ୩ଟି ପରିବାରକୁ ମଧ୍ୟ ଗୃହ ପ୍ରବେଶ କରାଯାଇଛି। ଗୃହ ପ୍ରବେଶ କାର୍ଯ୍ୟକ୍ରମକୁ ବିପିସି ଲକ୍ଷ୍ମମନ ନାଗ ପରିଚାଳନା କରିଥିଲେ।

# ବିର୍ସା ମୁଣ୍ଡାଙ୍କ ସ୍ମୃତିସ୍ତମ୍ଭ ଉଦ୍‌ଘାଟିତ

ଚନ୍ଦାହାଣ୍ଡି,୧୫।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଗଣ୍ଡୱାନା ଛାତ୍ର ସଙ୍ଗଠନର ସଭାପତି ମୁରଲି ପୂଜାରୀଙ୍କ ନେତୃତ୍ୱରେ ହେରାମୁଣ୍ଡା ପଞ୍ଚାୟତ ସାଲେଭଟା ଛକଠାରେ କ୍ରାନ୍ତିକାରୀ ବୀର ବିର୍ସା ମୁଣ୍ଡାଙ୍କ ୧୪୫ ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ରୂପେ ଛତିଶଗଡ଼ର ଆଦିବାସୀ ନେତା ଡିବଚନ ମରକାମ ଏବଂ ସମ୍ମାନିତ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷ ଟିକେମ୍ ସିଂ ନାୟକ, ଉମରକୋଟ ମୂଳ ନିବାସୀ ଆଦିବାସୀ ସଂଘର ସଦସ୍ୟ ବିଶ୍ୱଜିତ ମାଝି, ସାମାଜିକ କର୍ମୀ କ୍ଷମରାଜ ବାଗ, ପୁରୁଷୋତ୍ତମ ପାରୀ, ଗୌରହରି ନାୟକ, ଆଦିବାସୀ ହରିଜନ ମିଳିତ ସଂଘର ସଭାପତି କେ. ମାଝି ମଞ୍ଚାସୀନ ଥିଲେ। ଛାତ୍ର ସଙ୍ଗଠନ ଦ୍ୱାରା ନିର୍ମିତ କ୍ରାନ୍ତିକାରୀ ବୀର ବିର୍ସା ମୁଣ୍ଡାଙ୍କ ସ୍ମୃତିସ୍ତମ୍ଭକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଛାତ୍ର ସଙ୍ଗଠନର ସମ୍ପାଦକ ଗଜେନ୍ଦ୍ର ମାଝି, ମଙ୍ଗଳ ସିଂ ପୂଜାରୀ, ରାମ ପ୍ରସାଦ ସିନ୍ହା, ବଳରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ଏମ୍‌ପି ରମେଶ ଚନ୍ଦ୍ର ମାଝି ବିର୍ସା ମୁଣ୍ଡାଙ୍କ ସ୍ମୃତିସ୍ତମ୍ଭ ଉଦ୍‌ଘାଟନ କରୁଛନ୍ତି ।

# ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ

କୁଡୁମୁଲୁଗୁମ୍ମା,୧୫।୧୧(ଡି.ଏନ.ଏ.)

ମାଲକାନଗିରି ଜିଲ କୁଡୁମୁଲୁଗୁମ୍ମା ନିକଟସ୍ଥ ସିରିପେଟା କଲୋନୀଠାରେ ତ୍ରିରଙ୍ଗା ଯୁବକ ସଂଘ ପକ୍ଷରୁ ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ବଳରାମ ପୂଜାରୀ ଯୋଗଦେଇ ବୀର ଶହୀଦ ବିର୍ଷା ମୁଣ୍ଡାଙ୍କ ଅମ୍ଳାନ କୀର୍ତ୍ତିର ସ୍ମୃତିଚାରଣ କରିଥିଲେ। ସଭାପତି ସହଦେବ ଶିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅମ୍ଳାନ ଶେଖର, ସମ୍ପାଦକ ଗୋପୀନାଥ ଭୂମିଆଁ, ଉପଦେଷ୍ଟା ଶ୍ୟାମ ଟାଙ୍ଗୁଲୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୂପକାନ୍ତ ଶବର ଯୋଗଦେଇ ବିର୍ଷାଙ୍କ ମୁଣ୍ଡାଙ୍କ ଜୀବନୀ ଉପରେ ମତ ରଖି ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବନମାଳୀ ଗଦବା, କୁସୁମା କାନ୍ଧୁଲିଆ, ଚକ୍ର ପୂଜାରୀ, ମନଇଚ୍ଛା ପାଙ୍ଗି, ସାମାଜିକ କର୍ମୀ ଭଗବାନ ସାହୁ ପରିଚାଳନା କରିଥିଲେ। କୋଭିଡ ନିୟମ ଅନୁଯାୟୀ ସାମାଜିକ ଦୂରତା ରକ୍ଷା ସହ ମାସ୍କ ବ୍ୟବହାର କରି ଉତ୍ସବ ପାଳିତ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ତ୍ରିରଙ୍ଗା ଯୁବକ ସଂଘ ସଦସ୍ୟମାନେ ।

# ସଲପଗୁଡ଼ା ଗାଁକୁ ରାସ୍ତା ନାହିଁ

ଦଶମନ୍ତପୁର,୧୫।୧୧ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣ୍ଡାବାଡ଼ ପଞ୍ଚାୟତର ସଲପଗୁଡ଼ା ଗାଁ। ଜଣେ ଜମି ମାଲିକ ତାଙ୍କ ଜମିରୁ କିଛି ଛାଡୁ ନ ଥିବାରୁ ଏଯାଏ ଗ୍ରାମକୁ ରାସ୍ତାଟିଏ ତିଆରି ହୋଇପାରୁନାହିଁ। ଫଳରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଲାଗି ଏଠାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ୩୫ ପରିବାର ରହୁଥିବା ଉକ୍ତ ଗାଁ ଚତୁଃପାର୍ଶ୍ୱରେ ରହିଛି ବଣ, ଜଙ୍ଗଲ ଓ ନଦୀ। ସଲପଗୁଡ଼ା ଗ୍ରାମବାସୀ ଦଶମନ୍ତପୁର ପଞ୍ଚାୟତର ଅନଗର ଗାଁକୁ ସଂଯୋଗ କରୁଥିବା କୋଣି ରାସ୍ତାକୁ କରିଥାନ୍ତି। ଉତ୍ତର ଦିଗରେ ଥିବା ରୋକାଟ ନଦୀ ଗ୍ରାମକୁ ରାସ୍ତା ନିର୍ମଣରେ ପ୍ରତିବନ୍ଧକ ସୃଷ୍ଟି କରିଛି ବୋଲି କହନ୍ତି ଗ୍ରାମର ବାରିକ ଜାନୀ, ମିଲକୁ କୁଲିସିକା, ରାମ ଜାନୀ, ବିଡ଼ିଓ ସାଉନ୍ତା, ପ୍ରତାପ ଖସଲା, ଜଳନ୍ଦର ସାଉନ୍ତା। ଆମେ ଅନଗର ଗାଁ ଦେଇ କଣିରାସ୍ତାକୁ ନିଜ ଗ୍ରାମକୁ ଆଣିବାକୁ ଆବଶ୍ୟକ ଜମି ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ରହିଥିବା ଜମି ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିବାରୁ ତାଙ୍କ ଜମିରୁ କିଛି ଜମି ରାସ୍ତା ପାଇଁ ଛାଡିବାକୁ ଜମି ମାଲିକଙ୍କୁ ଆମେ ନିବେଦନ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏଥିପାଇଁ ଆମ ନିକଟରେ ଏକ ସର୍ତ୍ତ ରଖିଥିଲେ। ତୁମଗ୍ରାମଠାରୁ ଅଧ କିମି ଦୂରରେ ଥିବା ସାରଖଣ୍ଡି ଝୋଲାରେ ଏକ କଲଭର୍ଟ ତୁମେ ଗ୍ରାମବାସୀ ସମସ୍ତେ ମିଳିତଭାବେ କରାଇ ଦେଲେ ରାସ୍ତା ପାଇଁ ଜମି ଛାଡିବି ବୋଲି କହିଥିଲେ। ଆଗାମୀ ଦିନରେ ଆମ ଗ୍ରାମକୁ ରୋକାଟ ନଦୀ ଉପରେ ଏକ ପୋଲ ଏବଂ ଅନଗର ଦେଇ ରାସ୍ତା ନିର୍ମାଣ ନ ହେଲେ ଆମେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନଥିଲା।

